DHARITRI.COM

Vol VII Issue No.149 Tuesday, 30 May 2006




Looking Property in Orissa

previous || next

# ଓଡ଼ିଶା ଆଉ କେତେକାଳ ଶୋଇବ ?/ଖୋଲା ବିଚାର/ବରେନ୍ଦ୍ର କୃଷ୍ଣ ଧଳ

Click to enlarge text: A A A A

ତୃତୀୟ ଘଟଣାଟି ହେଲା ସେଇ ବାଜପାୟୀଙ୍କ ଅମଳର । ଏନ.ଡି.ଏ. ସରକାର ବେଳେ ଘୋଷଣା କରାଗଲା ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ । ଲୋକେ ଭାବିଲେ ଯାହାହେଉ ଏତେବର୍ଷ ପରେ ଏକ ଜାତୀୟ ସ୍ତରର ପ୍ରତିଷ୍ଠାନ ପାଇଁ ଆମ କଥା ବିଚାର ହେଲା । ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ଏଥିପାଇଁ ପତ୍ର ଲେଖି କହିଲେ, ଜମି ରଖ । ଓଡିଶା ସରକାର ଖୁସି ହୋଇଗଲେ । ଏହି ପ୍ରତିଷ୍ଠାନ ଦେଶର ତିନୋଟି ସ୍ଥାନରେ ପୁଣେ, ପଞ୍ଜାବ ଓ ଭୁବନେଶ୍ୱରରେ ହେବ ବୋଲି ଘୋଷଣା ହେଲା । ଓଡିଶା ଲୋକେ ବିଶେଷକରି ବୁଦ୍ଧିଜୀବୀମାନେ ଚାହିଁ ରହିଲେ କେବେ ଆସିବ ଏହି ସମ୍ମାନଜନକ ପ୍ରତିଷ୍ଠାନ । ମାତ୍ର ଏନ.ଡି.ଏ. ସରକାର ଗଲା । ୟୁପିଏ ବା ଉପା ସରକାର ଆସିଲେ । ଦେଖୁ ଦେଖୁ ପୁଣେ-ପଞ୍ଜାବ ସହ ଭୁବନେଶ୍ୱରକୁ କାଟି ଦେଇ କଲିକତା ଯୋଡା ହୋଇଗଲା । ଓଡ଼ିଶା ଏମ.ପି.ମାନେ ପାର୍ଲାମେ ରେ ପ୍ରତିବାଦ କଲେ । ହେଲେ କାକସ୍ୟ ପରିବେଦନୀ । କେନ୍ଦ୍ର ସରକାର କହିଲେ, କାହିଁ ଦିଲ୍ଲୀ ସରକାର ଏଭଳି ନିଷ୍ପତ୍ତି ତ କେବେ କରିନାହାନ୍ତି । ଏବେ ଚନ୍ଦ୍ରଶେଖର ସାହୁ କହୁଛନ୍ତି, କେନ୍ଦ୍ର ସରକାର ତା’ ବଦଳରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ପ୍ରତିଷ୍ଠାନ ଖୋଲିବେ । ସେ ଖୋଦ୍ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଓ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ଅର୍ଜ୍ଜୁନ ସିଂହଙ୍କ ସହ କଥାବାର୍ତ୍ତା

previous || next

Click here to participate
India is calling you

JuxtConsult
Online Research & Advisory

©2004 Dharitri All Rights Reserved.
Send all feedback / comments to webmail@dharitri.com.
Advertisement inquiries contact advt@dharitri.com.